ବିଞ୍ଝାରପୁରରେ ଦୋଳ ଆରମ୍ଭ

# ବରୁଣେଶ୍ୱର କ୍ଷେତ୍ରରେ ହରିହର ମିଳନ



ବିଞ୍ଝାରପୁର, ୨୭।୨ (ସମିସ): ଫଗୁଣ ମାସରେ ଦୋଳଯାତ୍ରା ଓଡ଼ିଆ ସଂସ୍କୃତିର ଏକ ଅନନ୍ୟ ପରମ୍ପରା। ବିଞ୍ଝାରପୁର ଅଞ୍ଚଳର ଦୋଳଯାତ୍ରା ଘରେ ଘରେ ଦେଖିବାକୁ ମିଳେ। ଫଗୁଣ ମାସର ଦଶମୀ ତିଥିରେ ବିଞ୍ଝାରପୁର ବ୍ଲକ ଅରେଇସ୍ଥିତ ପ୍ରସିଦ୍ଧ ବରୁଣେଶ୍ୱର ପୀଠରେ ଗୁରୁବାର ହରଙ୍କ ନିକଟରେ ହରି ବିଜେ ହେବା ପରେ ଆନୁଷ୍ଠାନିକ ଭାବରେ ଦୋଳଯାତ୍ରା ଆରମ୍ଭ ହୋଇଛି। ଏହି ଅଞ୍ଚଳର ବହୁ ରାଧାକୃଷ୍ଣ ମୂର୍ତ୍ତୀ ବିଭିନ୍ନ ନାମରେ ହୋଲି ଖେଳିବା ପାଇଁ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ନିମିତ୍ତ ଅରେଇ ସ୍ଥିତ ବରୁଣେଶ୍ୱର ମେଲଣ ମଣ୍ଡପରେ ଅବସ୍ଥାନ କରନ୍ତି। ଏହି ମେଲଣ ଉତ୍ସବରେ ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତିକୁ ଶୋଭାଯାତ୍ରାରେ ଆଣାଯାଇ ଏକତ୍ର ଅବସ୍ଥାପିତ କରାଯାଇ ପୂଜା ଅର୍ଚ୍ଚନା କରାଯାଇଥାଏ। ଏହି ଉତ୍ସବରେ ହରି ଓ ହର ମିଳନକୁ ଶିବ ଓ ବିଷ୍ଣୁ ତତ୍ତ୍ୱର ଏକ ଆତ୍ମା ଭିନ୍ନ ଶରୀରର ପ୍ରତୀକ ବୋଲି ମନାଯାଇଥାଏ। ସେହିପରି ବିଞ୍ଝାରପୁର ଅଞ୍ଚଳର ମାଁସଡା, କପିଳା, ଜଗନ୍ନାଥପୁର, ରଣପୁର, ମଲ୍ଲୀପୁର, ବେଲପାଳ, ପ୍ରିତିପୁର, ବରୀକୂଳ, ବିତନା, କଲ୍ୟାଣପୁର, ଶ୍ୟାମେଶ୍ୱର, ମଣିକଛକ, ଖରିଆ, ପଟ୍ଟଣା ସାହି, ଆଦି ୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ମେଲଣ ଅନୁଷ୍ଠିତ ହେଉଛି। ମେଲଣରେ ଏହି ଅଞ୍ଚଳର ପ୍ରସିଦ୍ଧ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତୀ ବିଭିନ୍ନ ନାମରେ ଆସି ମେଲଣ ମଣ୍ଡପରେ ଅବସ୍ଥାପିତ ହୁଅନ୍ତି। ଏଥି ସହିତ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତୀକୁ ମେଲଣ ପଡ଼ିଆକୁ ପରମ୍ପରା ଅନୁଯାୟୀ ଶୋଭାଯାତ୍ରାରେ ଅଣାଯାଇଥାଏ। ଏହି ଶୋଭାଯାତ୍ରା ପ୍ରାଚୀନ ଓଡ଼ିଆ କଳା ଭାବରେ ପରିଚିତ ଘୋଡାନାଚ, ସାପନାଚ, କାଠି ନାଚ, ଷଣ୍ଢ ଲଢ଼େଇ, କେଳା କେଲୁଣି ନାଚ ଆଦି ଦେଖିବାକୁ ମିଳିଥାଏ। ମେଲଣ ପଡିଆରେ ଠାକୁରଙ୍କ ଦର୍ଶନ କରିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ। ମେଲଣ ପଡ଼ିଆରେ ଲାଗିଥିବା ବିଭିନ୍ନ ଷ୍ଟଲମାନଙ୍କରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ। ପରେ ରଙ୍ଗ ବେରଙ୍ଗର ଅଭିର ଖେଳରେ ମେଲଣ ଶେଷ ହୋଇଥାଏ। ବିଞ୍ଝାରପୁର ଅଞ୍ଚଳରେ ୧୫ ଦିନ ବ୍ୟାପୀ ବିଭିନ୍ନ ସ୍ଥାନରେ ମେଲଣ ଅନୁଷ୍ଠିତ ହୋଇଥାଏ।

## ଯୋଗ ବାରୁଣୀ ସ୍ନାନ ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ବାଲିଚନ୍ଦ୍ରପୁର,୨୭।୨(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଡ଼ଗପୁର ଠାରେ ପବିତ୍ର ମହାବାରୁଣୀ ସ୍ନାନ ଓ ଯଜ୍ଞ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଖଡ଼ଗପୁର ହାଟ ପଡ଼ିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରାଙ୍କ ଅଧକ୍ଷତା ଅନୁଷ୍ଠିତ ବୈଠକରେ ଦେକୁରୀ ହରିହାଟ ମଠର ମଠାଧୀଶ ବାବା ହରିହର ଦାସ ଯୋଗଦେଇ କହିଲେ ବିରୁପା, ଗେଙ୍ଗୁଟି ଓ କେଲୁଅ ନଦୀର ମିଳନ ସ୍ଥଳ ହେଉଛି ଖଡ଼ଗପୁର। ପବିତ୍ର ଚୈତ୍ରମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଏଠାରେ ଯୋଗ ବାରୁଣୀ ସ୍ନାନ ତିଥି ପଡୁଥିବାରୁ ଏଠାରେ ହଜାର ହଜାର ସଂଖ୍ୟାରେ ଲୋକମାନେ ବୁଡ଼ ପକାଇବେ। ସେଥିପାଇଁ ଆସନ୍ତା ମାର୍ଚ୍ଚ ୨୨ତାରିଖରୁ ମହା ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହେବ। ୨୪ତାରିଖରେ ପୂର୍ଣ୍ଣାହୁତି କରାଯିବ। ପଣ୍ଡିତ ତଥା ମାଳିକା ଗବେଷକ ପ୍ରଦୀପ୍ତ କୁମାର ପାଣି ଯୋଗଦେଇ କହିଲେ ମାଳିକା ବର୍ଣ୍ଣିତ ଏହି ତ୍ରିବେଣୀ ସଙ୍ଗମରେ ମହାବାରୁଣୀ ସ୍ନାନ ଯୋଗ ଏକ ପୌରାଣିକ କିମ୍ବଦନ୍ତୀ। ଆଗାମୀ ଦିନରେ ଏଠାରେ ଲକ୍ଷ ଲକ୍ଷ ସାଧୁ ସନ୍ଥମାନଙ୍କ ସମାଗମ ହେବ। ତେଣୁ ପବିତ୍ର ସ୍ନାନ ଯୋଗ ପଡୁଥିବାରୁ ଏହାର ନାମ ଯୋଗ ବାରୁଣୀ ରହିଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଉମେଶ ଚନ୍ଦ୍ର ସାମଲ, ଚିନ୍ମୟ କୁମାର ଶାନ୍ତି, ଦିଲ୍ଲୀପ କୁମାର ସାମଲ, ସାମ୍ବାଦିକ ଅମର ସିଂହ, ପ୍ରଦୀପ୍ତ କୁମାର ପୃଷ୍ଟି, ପ୍ରଭାସ କୁମାର ଦାଶ, ଉତ୍କଳ କେଶରୀ ସାମଲ, ସୁଧାଂଶୁ ଶେଖର ଜେନା, ପ୍ରଦୀପ୍ତ କୁମାର ସାହୁ, ସୁଶାନ୍ତ କୁମାର ପୃଷ୍ଟି, ପ୍ରଦୀପ କୁମାର ପ୍ରଧାନ, ସୁବ୍ରତ ପୃଷ୍ଟି, ଉତ୍ତମ କୁମାର ଦାସ, ଅଜୟ କୁମାର ପ୍ରଧାନ, ବିମଳ କୁମାର ଜେନା, ପଙ୍କଜ କୁମାର ଭଞ୍ଜ, ରମେଶ କୁମାର ବେହେରା, ନାରାୟଣ ପ୍ରଧାନ, ପଙ୍କଜ କୁମାର ପାତ୍ର, ବାନାମ୍ବର ସାହୁ, ଦୁଃଶାସନ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଞ୍ଜୟ କୁମାର ଖୁଣ୍ଟିଆ ପୂର୍ବ ବର୍ଷର ବିବରଣୀ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶରତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗୋଳେଇପୁର ଭତ୍ତା ଟଙ୍କା ଘୋଟାଲାର ତଦନ୍ତ ହେବ

ପାଣିକୋଇଲି,୨୭।୨(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତରେ ଭୁତ ଖାଇଗଲା ଭତ୍ତା ଟଙ୍କାକୁ ନେଇ ଚର୍ଚ୍ଚା ଜାରି ରହିଛି। ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମର ହିତାଧିକାରୀ ନାଥ ବାରିକ (୮୨) ବର୍ଷରେ ପଦାର୍ପଣ କରିଛନ୍ତି। ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ ହିତାଧିକାରୀଙ୍କୁ ସରକାର ମାସିକ ୩୫ଶହ ଟଙ୍କା ଭତ୍ତା ଦେବାର ବ୍ୟବସ୍ଥା କରିଛନ୍ତି। ଏହି କ୍ରମରେ ନାଥ ବାରିକ ଯୋଗ୍ୟ ହିତାଧିକାରୀ ହୋଇଥିବାରୁ ତାଙ୍କୁ କୋରେଇ ବିଡିଓ ଅବନୀକାନ୍ତ ସାହୁ ଚିଠି ନମ୍ବର ୨୨୮୨ ତା. ୧୬-୬-୨୫ରେ (ଓଆର ୫୦୪୦୬୪୯୪୧) ଭତ୍ତା ଦେବାକୁ ଚିଠି କରିଥିଲେ। କିନ୍ତୁ ଏହାକୁ ତଞ୍ଚକତା କରାଯାଇ ନାଥ ବାରିକଙ୍କୁ ପ୍ରତିମାସରେ ମାତ୍ର ୧୨ଶହ ଟଙ୍କା ପ୍ରଦାନ କରାଯାଉଥିଲା। ଯାହା ସମ୍ପୂର୍ଣ୍ଣ ଭାବେ ତାଙ୍କ ଭତ୍ତା ଖାତାରେ ଲିଖିତ ରହିଛି। ପ୍ରତିମାସରେ ବଳକା ୨୩ ଶହ ଟଙ୍କା କିଏ ନେଉଥିଲା ଓ କାହା ପକେଟକୁ ଯାଉଥିଲା ତାହା ସବୁଠୁ ବଡ଼ ପ୍ରଶ୍ନ ହୋଇଛି। ଏନେଇ ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ ସୋମବାର ବିଡିଓ ଏହାର ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି। ମାତ୍ର ଏହା ମଧ୍ୟରେ ନାଥ ବାରିକଙ୍କୁ ବକେୟା ଟଙ୍କା ରାତିଅଧିଆ ଘରେ ଦିଆଯାଇଛି। ଉକ୍ତ ଟଙ୍କାକୁ କେଉଁ ଭୁତ ଖାଇଥିଲା ଓ କିଏ ଫେରାଇଲା ତାହା ତଦନ୍ତ ପରିସରଭୁକ୍ତ ହେବ। ଯେଉଁମାନେ ହଡ଼ପ କରିଥିଲେ ସେମାନଙ୍କ ପର୍ଦ୍ଦାଫାଶ ହେବ ବୋଲି ସୂଚନା ମିଳିଛି।

## ଯୁବତୀଙ୍କୁ ପ୍ରତାରଣା ଘଟଣାରେ ଯୁବକ ଗିରଫ

ଦାନଗଦି,୨୭।୨(ସମିସ): ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ଓ ପରେ ବିବାହ ପାଇଁ ମନା କରିଦେବା ଘଟଣା ଏବେ କଳିଙ୍ଗନଗର ଅଞ୍ଚଳରେ ଚର୍ଚ୍ଚା ଧରିଛି। ଗାଁରେ ସମାଧାନ ନ ହୋଇପାରିବାରୁ ଘଟଣା ଏବେ ଥାନାରେ ପହଞ୍ଚିଛି। ସୂଚନା ମୁତାବକ କଳିଙ୍ଗନଗର ଥାନା ଅନ୍ତର୍ଗତ ସାରଙ୍ଗପୁର ହାଟିଂରେ ଘର କରି



ରହୁଥିବା ସମର ହେମ୍ବ୍ରମ ତାଙ୍କ ଘର ନିକଟରେ ରହୁଥିବା ଜଣେ ଯୁବତୀ କୁ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସଂପର୍କ ରଖିଥିଲେ। ଯୁବତୀ ଗର୍ଭବତୀ ହେବା ପରେ ସମରକୁ ଏ ସମ୍ପର୍କରେ ଜଣାଇଥିଲେ ଏବଂ ବିବାହ କରିବା ପାଇଁ କହିଥିଲେ। ସମର କିନ୍ତୁ ସମୟ ଗଡ଼ାଇ ଚାଲିଥିଲେ। ଯୁବତୀ ଏବେ ୭ ମାସର ଗର୍ଭବତୀ। ସମର ବିବାହ ପାଇଁ ମନା କରିବାରୁ ଯୁବତୀଙ୍କ ପରିବାର ଲୋକେ କଳିଙ୍ଗନଗର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ସାହୁ ୪୪/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସମରକୁ ଗୁରୁବାର ଗିରଫ କରିବା ସହ ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରିଥିବା ସୂଚନା ଦେଇଛନ୍ତି।

## ଧରାପଡ଼ିଲେ ୩ ମଦ୍ୟପ ଗାଡ଼ି ଚାଳକ

ପାଣିକୋଇଲି,୨୭।୨(ସମିସ): ପାଣିକୋଇଲି ପୁଲିସ ପକ୍ଷରୁ ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ୩ ଜଣ ମଦ୍ୟପ ଗାଡ଼ି ଚାଳକକୁ ପୁଲିସ ଧରିଛି। ପରେ ସେମାନଙ୍କୁ ମାମଲା ରୁଜୁ କରି ନୋଟିସ୍ ଦେଇ ଛାଡି ଦିଆଯାଇଛି। କେନ୍ଦୁଝର ଜିଲ୍ଲା ନନ୍ଦୀପଦା ଥାନା ଅଞ୍ଚଳରର ଚିତ୍ତରଞ୍ଜନ ସୁଆର(୫୬)ଙ୍କୁ ଷଠିପୁର ଠାରୁ, ବିଜୟ ଜେନା(୪୨) ମୂଳାପାଳ, ଶ୍ରୀକାନ୍ତ ସ୍ୱାଇଁ(୨୮) ଜାବରା କୁଆଖିଆକୁ ପୁଲିସ ଧରିବାରେ ସକ୍ଷମ ହୋଇଛି।

## ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଯାଜପୁର,୨୭।୨(ସମିସ): ଆସନ୍ତା ମାର୍ଚ୍ଚ ମାସରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବା ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। କାର୍ଯ୍ୟସୂଚୀ ଅନୁଯାୟୀ ୨ ତାରିଖ ସୋମବାର ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ଯାଜପୁରରେ, ୯ ତାରିଖ ସୋମବାର ବଡ଼ଚଣା ବ୍ଲକ୍‌ରେ, ୧୬ ତାରିଖ ସୋମବାର ବିଞ୍ଝାରପୁର ବ୍ଲକରେ, ୨୩ ତାରିଖ ସୋମବାର କୋରେଇ ବ୍ଲକରେ ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ବଡ଼ଚଣା, ବିଞ୍ଝାରପୁର, କୋରେଇ ବ୍ଲକ ଏବଂ ଜିଲ୍ଲାର ଜନସାଧାରଣଙ୍କ କୌଣସି ଅଭିଯୋଗ ଥିଲେ ସେମାନେ ନିର୍ଦ୍ଧାରିତ ଦିବସ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ସେମାନଙ୍କର ଆପତ୍ତି ଅଭିଯୋଗ ଗୁଡିକର ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଶାନ୍ତିଲତା ଗ୍ରୁପ ଏନର୍ଜି ହବ୍ ଉଦ୍‌ଘାଟିତ



ବଡ଼ଚଣା,୨୭।୨(ସମିସ): ୧୬ ନମ୍ବର ଜାତୀୟ ରାଜପଥର ବଡ଼ଚଣା ନିକଟରେ ଶାନ୍ତିଲତା ଗ୍ରୁପ୍ ଏନର୍ଜି ହବ୍ ଉଦ୍‌ଘାଟିତ ହୋଇଛି। ଶାନ୍ତିଲତା ଗ୍ରୁପ ଏନର୍ଜିର ଅଧ୍ୟକ୍ଷା ଶାନ୍ତିଲତା ଚୌଧୁରୀ ଏହାକୁ ଉଦ୍‌ଘାଟନ କରିଥିଲେ। ସନ୍ଦୀପ ଚୌଧୁରୀଙ୍କ ସଂଚାଳନରେ ଆୟୋଜିତ ଉଦ୍‌ଘାଟନ ସଭାରେ ଏଚ୍‌ପିସିଏଲ୍‌ର ଅଧିକାରୀ ଇଶାନ୍ ପଣ୍ଡା, ରିଶବ୍ ଜୀ, ଦିଲ୍ଲୀପ କୁମାର ଚୌଧୁରୀ, ଦୀପକ୍ କୁମାର ଚୌଧୁରୀ, ସ୍ନେହାଶ୍ରୀ ପଣ୍ଡା, ପଣ୍ଡିତ ବିଜୟାନନ୍ଦ କର ପ୍ରମୁଖ ଉପସ୍ଥିତ ଥିଲେ।

ପାଚେରି ନିର୍ମାଣକୁ ନେଇ ବିବାଦ

## ଶିଳ୍ପାଞ୍ଚଳରେ ଗ୍ରାମବାସୀ- ପୁଲିସ ଖଣ୍ଡ ଯୁଦ୍ଧ



ଯଖପୁରା, ୨୭।୨ (ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶିଳ୍ପ ଗଢ଼ିବା ପାଇଁ ଜମି ଅଧିଗ୍ରହଣକୁ ନେଇ କଳିଙ୍ଗନଗର ଅଶାନ୍ତ ହୋଇପଡ଼ିଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ଗଢିବାରେ ସାଧାରଣ ଲୋକଙ୍କୁ ଜଳାଞ୍ଜଳି ଦେବାକୁ ପଡୁଛି। ସାଧାରଣ ଲୋକ ସ୍ୱାର୍ଥକୁ ଧ୍ୟାନ ନଦେଇ କେବଳ ଶିଳ୍ପପତିଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖୁଥିବା ପ୍ରଶାସନ ପକ୍ଷରୁ ଦେଖିବାକୁ ମିଳୁଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଜମି ଅଧିଗ୍ରହଣକୁ ନେଇ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଛି। ପ୍ରଶାସନର ଜୁଲମ ଆଗରେ ସିଲିଂ ଜମି ମାଲିକଙ୍କୁ ମୁଣ୍ଡ ନୁଆଁଇବାକୁ ପଡ଼ିଛି। ସ୍ଥାନୀୟ ଜନପ୍ରତିନିଧି ଶାସକ ଦଳର ନେତା ହୋଇଥିବାରୁ ତାଙ୍କ ଇଙ୍ଗିତରେ ପ୍ରଶାସନ ଆମ ଉପରେ ଜୁଲମ କରିଛି ବୋଲି ସିଲିଂ ଜମି ମାଲିକ ମାନେ କହିଛନ୍ତି। ପୁଲିସ ସହ ଠେଲାପେଲାରେ ଅନୁସୂଚିତ ଜନଜାତିର ଜମି ମାଲିକମାନେ ଲହୁଲୁହାଣ ହୋଇଥିବାର ଦେଖିବାକୁ ମିଳିଛି। ଦାନଗଦି ତହସିଲ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ମନୋହରପୁର ନୂଆସାହି ଓ ଅସନବହାଳି ଗ୍ରାମର ଅନୁସୂଚିତ ଜନଜାତି ଓ ଜାତିର ଭୂମିହିନ ଅଧିବାସୀଙ୍କୁ ଚାଷ କରିବା ପାଇଁ ସରକାର ସିଲିଂ ଜମି ଯୋଗାଇ ଦେଇଥିଲେ। ଏହି ଜମିରେ ସେମାନେ ବଂଶାନୁକ୍ରମିକ ଭାବରେ ଚାଷ କରି ଚଳୁଥିଲେ। ମାତ୍ର ଏହି ସିଲିଂ ଜମିକୁ ଶାଗମୁଗ ମୂଲ୍ୟରେ ଜମି ମାଲିକ ମାନେ ବିକ୍ରି କରିଦେଇଥିଲେ। ସଦ୍ୟ ସେହି ଜମି ଉପରେ ଓଏସ୍‌ଏସ୍ କମ୍ପାନୀ କାରଖାନା ନିର୍ମାଣ ପାଇଁ ପ୍ରଚେଷ୍ଟା କରୁଛି। ଆଜି କମ୍ପାନୀ ଜମି ଅଧିଗ୍ରହଣ କରି ତା' ଉପରେ ପାଚେରି ନିର୍ମାଣ ପାଇଁ ଉଦ୍ୟମ କରିଥିବା ବେଳେ ନୂଆସାହି ଗାଁ ଓ ଅସନବହାଳି ଗାଁର ଜମି ମାଲିକ ମାନେ ବିରୋଧ କରୁଥିବାର ଦେଖିବାକୁ ମିଳିଥିଲା। ଜମିର ପରିବର୍ତ୍ତିତ ମୂଲ୍ୟ ବୃଦ୍ଧି ହିସାବରେ ଦେବାକୁ ସେମାନେ ଦାବି କରି ଚାଷ ଜମି ଉପରେ ବସି ରହିଥିଲେ। ମାତ୍ର ତାହା ବେଶୀ ସମୟ ପର୍ଯ୍ୟନ୍ତ ତିଷ୍ଠି ପାରି ନଥିଲା। ପ୍ରଶାସନର ଜୁଲମ ଆଗରେ ଜମି ମାଲିକମାନେ ଛତ୍ର ଭଙ୍ଗ ଦେଇଥିଲେ। ଏମିତିକି କିଛି ଜମି ମାଲିକମାନେ ପୁଲିସ ମାଡ଼ରେ ଲହୁ ଲୁହାଣ ହୋଇଥିଲେ। ଦୁଇଜଣ ଜମି ମାଲିକ ପ୍ରଭାକର ଦଳାଇ, ଜଟିଆ ଦଳାଇ ପୁଲିସ ମାଡ଼ରେ ଚେତାଶୂନ୍ୟ ହୋଇପଡ଼ିଥିବା ଗ୍ରାମବାସୀ କହିଛନ୍ତି। ଉଭୟ ଗ୍ରାମର ଗ୍ରାମବାସୀ ଚେତାଶୂନ୍ୟ ଲୋକଙ୍କୁ ନେଇ ବିଜୁ ପଟ୍ଟନାୟକ ମାର୍ଗ ଉପରେ ରଖି ପ୍ରତିବାଦ କରୁଥିବା ବେଳେ ସେପଟେ ଜମିକୁ ପ୍ରଶାସନ ଅକ୍ତିଆର କରିବା ପାଇଁ ଚେଷ୍ଟା କରିଥିଲା। ପୁଣି ଜମି ମାଲିକ ମାନେ ଜମି ଅଧିଗ୍ରହଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ପୁଲିସ ଲାଠି ଚାର୍ଜ କରିଥିବାର ଦେଖିବାକୁ ମିଳିଥିଲା। ୫ଜଣ ଜଣ ଗ୍ରାମବାସୀଙ୍କୁ ପୁଲିସ ଉଠାଇ ନେଇଥିବାର ଦେଖିବାକୁ ମିଳିଥିଲା। ଏମିତିକି ଜମି ଉପରେ ଉଭୟ ଗ୍ରାମର ଗ୍ରାମବାସୀ ଓ ପ୍ରଶାସନ ମଧ୍ୟରେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଥିଲା। ଏହି ଖଣ୍ଡ ଯୁଦ୍ଧକୁ ବଳ ଦେଇଥିଲେ ସ୍ଥାନୀୟ ଜନ ପ୍ରତିନିଧି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଘଟଣାସ୍ଥଳରୁ ଛାତ୍ରଭଙ୍ଗ ଦେବା ପରେ ଏ ଘଟଣା ରଚନା କରିଥିବା ଜନ ପ୍ରତିନିଧି ଜଣଙ୍କ କମ୍ପାନୀର କିଛି ଦଲାଲମାନଙ୍କୁ ନେଇ ପାଚେରି କାର୍ଯ୍ୟକୁ ତ୍ୱରାନ୍ୱିତ କରୁଥିବାର ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ଦାନଗଦି ତହସିଲଦାର, ମାଣତୀରା ଆର୍‌ଆଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଓ ଯଖପୁରା ପୁଲିସ ସଦଳବଳେ ରହିଥିଲେ। ଜମିହରାମାନଙ୍କୁ ଘଉଡ଼େଇ ଦେବା ପରେ ସାନ୍ଧ୍ୟ ୫.୩୦ ପର୍ଯ୍ୟନ୍ତ ପାଚେରି ଖୁଣ୍ଟ ପୋତାଯାଉଥିବାର ଦେଖିବାକୁ ମିଳିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି।

## ଚଣ୍ଡିଖୋଲ କୋର୍ଟ ନିର୍ବାଚନ ଅଧିକାରୀ ମନୋନୀତ

ବଡ଼ଚଣା,୨୭।୨(ସମିସ): ଆଜି ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ୍ ସମ୍ମିଳନୀ କକ୍ଷରେ ଆଗାମୀ ମାର୍ଚ୍ଚ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନିର୍ବାଚନକୁ ପରିଚାଳନା କରିବା ପାଇଁ



କୋର୍ଟର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସଭାପତି ସୁଶ୍ରୀ ରେଣୁବାଳା ମହାନ୍ତିଙ୍କୁ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରାଯାଇଛି। ତାଙ୍କୁ ସହଯୋଗ କରିବା ପାଇଁ ଆଇନଜୀବୀ ଶଶାଙ୍କ ଶେଖର ଶତପଥୀ ଓ ସମ୍ବିତ୍ ମହାପାତ୍ରଙ୍କୁ ସହକାରୀ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରାଯାଇଛି। ଆଗାମୀ ନିର୍ବାଚନକୁ ଶାନ୍ତିଶୃଙ୍ଖଳା, ଆବଦ୍ଧ ଓ ନିରପେକ୍ଷ କରିବା ପାଇଁ ନବ ମନୋନୀତ ନିର୍ବାଚନ ଅଧିକାରୀ ସୁଶ୍ରୀ ରେଣୁବାଳା ମହାନ୍ତି ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରିଛନ୍ତି।

## ମା'ମଙ୍ଗଳଚଣ୍ଡିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ବିଞ୍ଝାରପୁର,୨୭।୨(ସମିସ): ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତ ରୁଦ୍ରପୁରସ୍ଥିତ ମା'ମଙ୍ଗଳଚଣ୍ଡୀଙ୍କର ନୂତନ ମନ୍ଦିର ପତ୍ରିଷ୍ଠା ଓ ମା'ଙ୍କର ବିଜେ ଉତ୍ସବ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଗତ ରବିବାର ପ୍ରତ୍ୟୁଷରୁ ପଣ୍ଡିତ ପର୍ଶୁରାମ ମିଶ୍ର ଓ ଲକ୍ଷ୍ମଣ ଦାଶଙ୍କ ତତ୍ତ୍ୱାବଧାନରେ ଅଙ୍କୁରୋପଣ, କଳସ ଯାତ୍ରା, ଗର୍ଭଧାନ, ମହାସ୍ନାନ ଓ ଶାୟନ, ଦେବତାଙ୍କ ନ୍ୟାସ ଓ ନୂତନ ମନ୍ଦିର ପ୍ରତିଷ୍ଠା ସହିତ ମା'ଙ୍କର ନୂତନ ମନ୍ଦିର ଉତ୍ସବ ଚଣ୍ଡିପାଠ, ଯଜ୍ଞ, ଶଙ୍ଖ, ହୁଳହୁଳି ଧ୍ୱନିରେ ସମ୍ପର୍ଣ୍ଣ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ନୂତନ ମନ୍ଦିରରେ ମା'ଙ୍କୁ ଅବସ୍ଥାପିତ କରାଯାଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଅଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ କଣ୍ଠଶିଳ୍ପୀ ମାଧବାନନ୍ଦ ଦାସ ଓ ସାଥୀ ପ୍ରବଚକ ଜିତୁ ଦାଶ, ଶରଣାରବିନ୍ଦ ଓଝା, ପାର୍ଥସାରଥୀ ମହାନ୍ତିଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ମନୋଜ ନାୟକ ଓ ତାଙ୍କ ସହଧର୍ମଣୀ ମିତାଲୀ ନାୟକ ସଂକଳ୍ପ କରିଥିବା ବେଳେ ମା' ମଙ୍ଗଳ ଚଣ୍ଡୀ ସେବା ସମିତିର କାର୍ଯ୍ୟକର୍ତ୍ତାଙ୍କ ତତ୍ତ୍ୱାବଧାନରେ ମାଁସଡା, ରୁଦ୍ରପୁର, କଲ୍ୟାଣପୁର, ସମଲପୁର ଗ୍ରାମର ଅଗଣିତ ଶ୍ରଦ୍ଧାଳୁ ସହଯୋଗ କରିଥିଲେ।

## ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଦାନଗଦୀ,୨୭।୨(ସମିସ): ଦାନଗଦି ବ୍ଲକ କିଆଝର ପଞ୍ଚାୟତର ଉପରଟମକାର ସରକାରୀ ଆଶ୍ରମ ବିଦ୍ୟାଳୟର ୩ୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟରେ ପାଳନ କରାଯାଇଅଛି। ଏଥିରେ ପ୍ରଧାନଶିକ୍ଷକ ଗୌତମ ଜେନାଙ୍କ ଅନୁମତି କ୍ରମେ ପ୍ରକାଶ ଚନ୍ଦ୍ରମଲ୍ଲିକ ମଞ୍ଚ ପରିଚାଳନା ଏବଂ ମୁଖ୍ୟଅତିଥି ଦାନଗଦୀ ବ୍ଲକର ବିଡିଓ ପ୍ରଦୀପ୍ ସେଠୀ, ମୁଖ୍ୟବକ୍ତା ଝାଡେଶ୍ୱର ଡିଗ୍ରୀ କଲେଜର ଅଧ୍ୟକ୍ଷ ବିଜୟ ସାହୁ, ସମ୍ମାନୀତ ଅତିଥି ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ ମଙ୍ଗୁଳି ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ତଥା ଲେଖକ ବିନୋଦ ରଣା, ସ୍ଥାନୀୟ ସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ କିସାନମୁଣ୍ଡା କୃତୀ ପ୍ରତିଯୋଗୀକୁ ପ୍ରମାଣପତ୍ର ସହିତ ଟ୍ରଫି, ମଡେଲ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ଅଭିନୟ ପ୍ରଦର୍ଶନ କରାଯାଇଥିଲା। ଉକ୍ତ ସଭାରେ ସହକାରୀ ଶିକ୍ଷକ ବିଶ୍ୱନାଥ ବେହେରା ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ସହକାରୀ ଶିକ୍ଷକ ମନୋଜ କୁମାର ଜେନା, ବରିଷ୍ଠ କର୍ମଚାରୀ ହରିହରପାଲ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରି, କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଏନ୍‌ସି କଲେଜରେ ଯୁବ ସଂସଦ କାର୍ଯ୍ୟକ୍ରମ




ଯାଜପୁର,୨୭।୨(ସମିସ): ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗ ପକ୍ଷରୁ ସ୍ଥାନୀୟ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଅଡିଟୋରିୟମ ହଲରେ ଜିଲ୍ଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଜରୁରୀକାଳୀନ ଶାସନର ପଚାଶ ବର୍ଷ ପୂର୍ତ୍ତି ଅବସରରେ ଗଣତନ୍ତ୍ରକୁ ଶିକ୍ଷା ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଏନ୍‌ସି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ବେହେରା।

ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ପ୍ରଦୀପ କୁମାର ଦାସ ଏବଂ ଯାଜପୁର ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ସୁଦୀପ୍ତ କୁମାର ବିଶ୍ୱାଳ ଯୋଗ ଦେଇ ଭବିଷ୍ୟତ ଭାରତର ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରଦ୍ଧାଞ୍ଜଳି ସାହୁ ପରିଚାଳନା କରିଥିବା ବେଳେ ସଚ୍ଚିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମନ୍ମଥ କୁମାର ସାହୁ, ଦେବିଶ୍ରୀ ରାୟ, ପଦ୍ମନାଭ ମହାନ୍ତି, ସୁଦୀପ୍ତ କୁମାର ବିଶ୍ୱାଳ, ପ୍ରଦୀପ କୁମାର ଦାସ, ବକ୍ତୃତା କାର୍ଯ୍ୟକ୍ରମର ବିଚାରକ ମଣ୍ଡଳୀ ଦାୟିତ୍ୱ ତୁଲାଇଥିଲେ। ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ ୫ ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ନିର୍ବାଚିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଡା. ବିନୋଦ କୁମାର ମଲ୍ଲିକ, ଡା. ଦାଶରଥି ମହାରଣା, ଡା. ଅଶୋକ ସ୍ୱାଇଁ, ପ୍ରଫେସର ଅବିନାଶ ନାୟକ ପ୍ରମୁଖ ଯୋଗଦେଇଥିଲେ।

ବ୍ରହ୍ମବରଦା ପୁଲିସ ଉପରେ ଆକ୍ରମଣ

# ଦୁର୍ବୃତ୍ତଙ୍କ ଆକ୍ରମଣରେ ପୁଲିସ ଗାଡ଼ି ଭାଙ୍ଗିଲା

ବ୍ରହ୍ମବରଦା,୨୭।୨(ସମିସ): ବ୍ରହ୍ମବରଦା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ସାଧାରଣ ଲୋକଙ୍କ କଥା ଛାଡ଼ନ୍ତୁ ପୁଲିସ ବି ଦୁର୍ବୃତ୍ତଙ୍କ ଦ୍ୱାରା ଆକ୍ରମଣ ଶିକାର ହେଉଛନ୍ତି। ପୁଲିସ୍‌କୁ ଚାଲେଞ୍ଜ କରି ଦୁର୍ବୃତ୍ତମାନେ ପୁଲିସ ଦଳ ଉପରେ ଆକ୍ରମଣ କରିଥିବା ବେଳେ ପଥର ମାଡ଼ରେ ପୁଲିସ ଗାଡ଼ିକୁ ଭାଙ୍ଗିଦେବା ଘଟଣାକୁ ନିଜେ ଥାନା ଏଏସ୍‌ଆଇ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଗତକାଲି ସନ୍ଧ୍ୟାରେ ଏଏସ୍‌ଆଇ ଲକ୍ଷ୍ମୀଧର ରାଜ ଓ ଅନ୍ୟ ଦୁଇ ପୁଲିସ କର୍ମଚାରୀଙ୍କ ସହିତ ସ୍କର୍ପିଓ ଗାଡ଼ି (ନଂ-ଓଡି୦୫ସିବି୪୩୪୫) ଓ ଚାଳକ ଅର୍ଥଙ୍ଗା ପଞ୍ଚାୟତ ଚଅପୋଇ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ବ୍ରାହ୍ମଣୀନଦୀ ଚଅପୋଇ ବାଲି ଘାଟରେ ନିଆଁ ଜଳୁଥିବା ଦେଖିବାକୁ ପାଇଥିଲେ।

ନିଆଁ ଜଳିବାର କାରଣ ଜାଣିବା ପାଇଁ ପୁଲିସ ଦଳ ସେଠାକୁ ଯାଇଥିବା ବେଳେ ସେଠାରେ ୮/୧୦ ଜଣ ଯୁବକ ଗୋଟିଏ ବଜାଜ ପଲସର ଗାଡ଼ି (ନଂ. ଓଡି୦୨ଡିଇ୬୯୮୨) ରଖି ଭୁତ ରିଲ କରୁଥିଲେ। ନିଜ ନିଜ ମଧ୍ୟରେ ଅଶ୍ଳୀଳ ଭାଷା



ବ୍ୟବହାର କରୁଥିଲେ। ସେଠାରେ ମଦ ବୋତଲ, ସିଗାରେଟ ଟୁକୁଡ଼ା, ଖାଲି ଗ୍ଲାସ, ପଲିଥିନ ପଡିଥିବା ବେଳେ ପୁଲିସ ସେମାନଙ୍କ ନିକଟରେ ପହଞ୍ଚି ରାତିରେ ଏଠାରେ କ'ଣ କରୁଛ ବୋଲି ପଚାରିଥିଲେ। ଏଥିରେ ଯୁବକମାନେ ଉତ୍‌କ୍ଷିପ୍ତ ହୋଇ ପୁଲିସ କର୍ମଚାରୀମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଏଠାରୁ ଶୀଘ୍ର ପଳାଅ ନଚେତ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପୁଲିସ ନିଜ ଜୀବନକୁ ବଞ୍ଚାଇବା ପାଇଁ ତାଙ୍କ ସ୍କର୍ପିଓ ଗାଡ଼ିରେ ଆଶ୍ରୟ ନେଇଥିବା ବେଳେ ଦୁର୍ବୃର୍ତ୍ତମାନେ ପଥର ପିଙ୍ଗି ଗାଡ଼ିର ପଛ କାଚକୁ ଭାଙ୍ଗି ଦେଇଥିଲେ। ଭୟରେ ପୁଲିସ ଦଳ ସେଠାରୁ ଫେରି ଆସି ରାତି ୧୦ଟାରେ ଏଏସ୍‌ଆଇ ଲକ୍ଷ୍ମୀଧର ରାଜ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନା ପକ୍ଷରୁ ୩୬/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଛି।

### ରେଳପଥ ଅବରୋଧ କଲା ଟିପ୍ପର ଟ୍ରକ୍ ମାଲିକ ସଂଘ

# ନିଯୁକ୍ତି ଓ ପରିବହନରେ ସୁଯୋଗ ନ ମିଳିଲେ ଆତ୍ମାହୁତି ଚେତାବନୀ





ଭଦ୍ରକ,୨୭ ।୨(ସମିସ): ଭଦ୍ରକ ଜିଲ୍ଲା ପୀରହାଟ ଥାନା ଅଧିନ ସାହାପୁର ରାସ୍ତା ଲେବଲ୍‌କ୍ରସିଂ ନିକଟରେ ଟିପ୍ପର(ଡମ୍ଫର), ଜିଲ୍ଲା ବିକାଶ ପରିଷଦ, ପୀରହାଟ ବିଶ୍ୱକର୍ମା ଟ୍ରକ ମାଲିକ ସଂଘ ପକ୍ଷରୁ ମିଳିତ ଭାବେ ଶୁକ୍ରବାର ପୂର୍ବାହ୍ନରେ ରେଳରୋକ କରିବାସହିତ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ନିଯୁକ୍ତି ଓ ପରିବହନ କ୍ଷେତ୍ରରେ ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍ ପକ୍ଷରୁ ଚରମ ଅବହେଳା ପ୍ରଦର୍ଶନ କରାଯାଇଛି। ଏହାର ପ୍ରତିବାଦରେ ଭଦ୍ରକ -ଧାମରା ରେଳପଥ ଅବରୋଧ କରାଯିବ ବୋଲି ସଂଘପକ୍ଷରୁ ଡାକରା ଦିଆଯାଇଥିଲା। ଏହି ଖବର ପାଇବାପରେ ଗୁରୁବାର ପ୍ରଶାସନ ପକ୍ଷରୁ ରେଳପଥର ବିଭିନ୍ନ ଲେବଲ କ୍ରସିଂରେ ୧୬୩ଧାରା ଲାଗୁ କରାଯାଇଥିଲା। ମାତ୍ର ଜିଲ୍ଲା ବିକାଶ ପରିଷଦ, ଟିପ୍ପର ଟ୍ରକ୍ ମାଲିକ ସଂଘ, ବିଶ୍ୱକର୍ମା ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ଓ ମାଲିକମାନେ ରେଳ ଧାରଣା ଉପରେ ରେଳ ରୋକକରି ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସମୟରେ ରେଳ ପଥର ଉଭୟ ପାର୍ଶ୍ୱରେ ଦୁଇଟି ମାଲବାହୀ ଟ୍ରେନ୍ ଅଟକି ରହିଥିବା ଦେଖାଯାଇଥିଲା। ପୂର୍ବାହ୍ନ ୧୧ଟା ବେଳେ ଆନ୍ଦୋଳନ କରାଯିବା ପରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଏଏସ୍‌ପି ଅରୂପ ଅଭିଷେକ ବେହେରା, ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ଏସଡିପିଓ ପ୍ରଭାସ ଚନ୍ଦ୍ର ସାହୁ, ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା ପ୍ରମୁଖ ଆନ୍ଦୋଳନ ସ୍ଥଳରେ ପହଂଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ସଂଘର ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର, ସମ୍ପାଦକ ଜ୍ୟୋତିପ୍ରକାଶ ମହାନ୍ତି, ଉପସଭାପତି ଚନ୍ଦନ କୁମାର ନାୟକ ପ୍ରମୁଖଙ୍କ ସହ ଉପଜିଲାପାଳ ଚକ୍ରବର୍ତୀ ଆଲୋଚନା କରିଥିଲେ । ସଂଘ ସଭାପତି ଶ୍ରୀ ରାୟ ମହାପାତ୍ର ଦର୍ଶାଇଥିଲେ ଯେ , ସ୍ଥାନୀୟ ଅଂଚଳର ଜନସାଧାରଣ କମ୍ପାନୀକୁ ଜମି ଦେଇ ଥିଲେ ମଧ ଦୀର୍ଘ ବର୍ଷ ହେଲା ଡିପିସିଏଲ ସେମାନଙ୍କୁ ପ୍ରତିଶ୍ରୁତି ଦେଇ ନିଯୁକ୍ତି ଦେଉନାହିଁ। କମ୍ପାନୀର ଦକ୍ଷିଣ ପାର୍ଶ୍ୱରେ ଥିବା ତିହିଡ଼ି, ପୀରହାଟ, ଗଦି, ମତୋ, ଦୋଳସାହି, ଭଦ୍ରକ ଆଦି ଅଞ୍ଚଳର ଟ୍ରକ୍ ଓ ଟିପ୍ପର ମାଲିକ ମାନେ ଡିପିସିଏଲ୍‌ରୁ ପରିବହନ ସୁବିଧା ପାଇପାରୁ ନାହାନ୍ତି। ଯେଉଁଥି ପାଇଁ ମାଲିକମାନେ ଗାଡ଼ି କିସ୍ତି ଶୁଝିନପାରି ଆତ୍ମହତ୍ୟା କରିବାକୁ ସ୍ଥିର କରିଛନ୍ତି। ଅଥଚ ଧାମରା ଅଞ୍ଚଳର ବସବାସ କରୁଥିବା ବାଂଲାଦେଶୀମାନେ ଡିପିସିଏଲ୍‌କୁ କବ୍‌ଜା କରି ବ୍ୟବସାୟ ଚଳାଇ କୋଟିପତି ହେଉଛନ୍ତି। ଏ ସମ୍ପର୍କରେ ବିଭିନ୍ନ ସମୟରେ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଆଲୋଚନା ହୋଇଥିଲେ ମଧ କୌଣସି ସୁଫଳ ମିଳି ପାରିନାହିଁ। ଫଳରେ ଜିଲ୍ଲାର ଟ୍ରକ, ଟିପର ମାଲିକମାନେ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଧାମରା ନିକଟବର୍ତୀ ଅଂଚଳର ବାଂଲାଦେଶୀ ଅନୁପ୍ରବେଶକାରୀମାନେ କମ୍ପାନୀରୁ ଫାଇଦା ଉଠାଇ ମାଲାମାଲ ହେଉଛନ୍ତି । ସଂଘ ସମ୍ପାଦକ ଶ୍ରୀ ମହାନ୍ତି, ଉପସଭାପତି ଶ୍ରୀ ନାୟକ, ବିଶ୍ୱକର୍ମା ଟ୍ରକ ଚାଳକ ସଂଘ ସଭାପତି ପ୍ରଫୁଲ୍ଲ ପୃଷ୍ଟି ମଧ ଅନୁରୂପ ସୂଚନା ଦେଇ କହିଥିଲେ ଯେ, ଧାମରା କମ୍ପାନୀ ପାଇଁ ଭଦ୍ରକ, ତିହିଡ଼ି ଓ ଚାନ୍ଦବାଲି ଅଞ୍ଚଳର ଚାଷୀମାନେ ହଜାର ହଜାର ଏକର ଜମି ଦେଇଥିଲେ କ୍ଷ ମାତ୍ର ସେମାନେ କୌଣସି ଉପକାର ପାଇ ନଥିବା ବେଳେ କମ୍ପାନୀ ଅନୁକମ୍ପାରେ ଧାମରା ନିକଟ ୭ ପଞ୍ଚାୟତର ଟ୍ରକ, ଟିପ୍ପର ମାଲିକମାନେ ଯଥେଷ୍ଟ ଫାଇଦା ପାଉଛନ୍ତି । ଏହି ସମସ୍ୟାର ସମାଧାନ ନହେଲେ ସେମାନେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଥିଲେ । ଉପଜିଲାପାଳ ଚକ୍ରବର୍ତୀ ସମସ୍ୟାର ତ୍ୱରିତ ସମାଧାନ ସ୍ୱରୂପ ଆସନ୍ତା ୧୫ଦିନ ମଧ୍ୟରେ ଦିନଧାର୍ଯ୍ୟ କରି ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା କରାଯିବ ଏବଂ ଆଲୋଚନାରେ ସଂଘର କର୍ମକର୍ତ୍ତଙ୍କୁ ସାମିଲ କରାଯିବ । ଆଲୋଚନା ଯେମିତି ଫଳପ୍ରଦ ହେବ ସେନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ ଜୀବନ ହାନି ଭଳି କ୍ଷତି ପହଂଚିବା ନିଷ୍ପତିରୁ ନିବୃତ ରହିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରତିଶ୍ରୁତି ପରେ ସଂଘ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଆଜିର ଏହି ଆନ୍ଦୋଳନରେ କାର୍ଯ୍ୟକାରୀ ସଦସ୍ୟ ଅଶୋକ ପରିଡ଼ା, ମନମୋହନ ପୃଷ୍ଟି, ରଥିଆ ବାରିକ, ସୁଶାନ୍ତ ଗୁଇଁ, ରଜତ ପତି, ଗୁରୁପଦ ସାହୁ, ଆଲୋକ ବାରିକ, ତାଳଧ୍ୱଜ ବେହୁରା, ଅମର ଦାସ, ରତିକାନ୍ତ ମହାକୁଡ଼, ବିପିନ ବେହେରା, କୃଷ୍ଣଚନ୍ଦ୍ର ମହାନ୍ତି, ଅଜୟ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ନଷ୍ଟ ହେଉଛି ହାଇମାଷ୍ଟ ଲାଇଟ୍



ଦୋଳସାହି,୨୭।୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ବଜାରରେ ସରକାରଙ୍କ ପକ୍ଷରୁ ଦୀର୍ଘବର୍ଷ ହେଲା ଲାଗିଥିବା ହାଇମାଷ୍ଟ ଲାଇଟ୍ ଏବେ ଅଚଳ ହୋଇପଡ଼ିଛି। ଦୋଳସାହି ପଞ୍ଚାୟତର ଦୋଳସାହି ବଜାରର ଆଲୋକୀକରଣ ଉଦ୍ଦେଶ୍ୟରେ ଦଶ ବର୍ଷ ପୂର୍ବେ ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପ୍ରୟାସରେ ଏଠି ଲାଇଟ୍ ଲାଗିଥିଲା। ମାତ୍ର ଏହାର ବିଦ୍ୟୁତ୍ ବିଲ ବକେୟା ରହିବା କାରଣରୁ ବିଦ୍ୟୁତ ବିଭାଗ ପକ୍ଷରୁ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ଜଣାପଡ଼ିଛି। ଏହି ଲାଇଟ୍ ଅଚଳ ହୋଇ ପଡ଼ିରହିଥିବା ସମ୍ପର୍କରେ କିଛିଦିନ ତଳେ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ବାରମ୍ବାର ଏଦିଗରେ ଅଞ୍ଚଳବାସୀ ମଧ ସ୍ୱର ଉଠାଉଛନ୍ତି। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥାପି ପ୍ରଶାସନର ନିଦ ଭାଙ୍ଗୁନାହିଁ। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା ବେଳେ ଅପାରଗ ନେତା ଓ ପ୍ରଶାସନ ପାଇଁ ଏହି ହାଇମାକ୍ସ ଲାଇଟ୍ ନଷ୍ଟ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

## ମୁସଲିମ ଜମାତ ସମ୍ପାଦକ ଶେଖ୍ ସିରାଜୁଦ୍ଦିନଙ୍କ ପରଲୋକ

ଭଦ୍ରକ,୨୭ ।୨(ସମିସ): ଜାତୀୟ କଂଗ୍ରେସ ଦଳର ସକ୍ରିୟ କର୍ମୀ ତଥା ଭଦ୍ରକ ମୁସଲିମ ଜମାତର ସମ୍ପାଦକ ଶେଖ ସିରାଜୁଦ୍ଦିନ ଓରଫ ସରୋ ଭାଇଙ୍କ ଗୁରୁବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ତାଙ୍କର ସାନ ଶଙ୍କରପୁର ମୋଜାହିଦ ନଗରସ୍ଥିତ ବାସଭବନରେ ପରଲୋକ ହୋଇଥିବାବେଳେ ବିଭିନ୍ନ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ସେ ଅସୁସ୍ଥ ହୋଇ କିଛଇଦିନ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୁସଲିମ ଜମାତରେ କୌଣସି କିଛି ଅଘଟଣ ସୃଷ୍ଟି ହେଲେ ସରୋ ଭାଇଙ୍କୁ ଖୋଜା ପଡ଼ିଥାଏ। ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ତାଙ୍କର ଅତୁଳନୀୟ ଅବଦାନ ରହିଛି। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ତାଜୋ ବିବି, ୩ ବିବାହିତ ପୁଅ ଶେଖ ନିୟାଜୁଦ୍ଦିନ, ଅଜହର ନସିମ୍, ଶେଖ ଅଲିମୁଦ୍ଦିନ ଏବଂ ୨ ଝିଅ ସମ୍ପା ପରବିନ, ସବନମ ପରବିନ ସମେତ ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ମୁସଲିମ ଜମାତର ଉପ ସଭାପତି ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜୀ ଏନାମ ମହମ୍ମଦ, ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ, ମୁସଲିମ ଜମାତର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ଏବଂ ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କ ବାସଭବନରେ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଜି ଅପରାହ୍ନ ୨ ଘଟିକା ସମୟରେ ଟ୍ରେନିଂ ସ୍କୁଲ ପଡ଼ିଆ ଠାରେ ଜନାଜା ନମାଜ ପାଠ କରାଯାଇ ତାଙ୍କ ବାସଭବନ ପରିସରରେ କବର ଦିଆଯାଇଛି।

## କଟ୍‌ନୀଛଟ୍‌ନୀକୁ ବିରୋଧ କରି କଂଗ୍ରେସର ବିକ୍ଷୋଭ




ବାସୁଦେବପୁର,୨୭।୨(ସମିସ): ଧାନର ଅଭାବୀ ବିକ୍ରୀ ଓ କଟଣୀ ଛଟଣୀକୁ ବିରୋଧ କରି ବାସୁଦେବପୁର କଂଗ୍ରେସ ପକ୍ଷରୁ ତହସିଲ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ତହସିଲଦାରଙ୍କ ଜରିଆରେ ସମବାୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଓ ମିଲର୍‌ଙ୍କ ମନମାନୀ ଯୋଗୁଁ ମଣ୍ଡିରେ ହଜାର ହଜାର ଧାନ ବସ୍ତା ପଡ଼ିରହିଛି। ଟୋକନ କଟିଯିବା ଭୟରେ ଚାଷୀ ନିର୍ଦ୍ଧାରିତ ସମୟ ପୂର୍ବରୁ ମଣ୍ଡିରେ ଧାନ ପକାଇ ଶୀତ କାକରରେ ଜଗି ବସୁଛନ୍ତି। ମାସ ମାସ ବିଳମ୍ବରେ ମଣ୍ଡି ଖୋଲିଥିବାବେଳେ ସେହି ଅନୁସାରେ ଧାନ ମଣ୍ଡିରୁ ଉଠୁନାହିଁ। ସରକାର କଟ୍‌ନୀଛଟ୍‌ନୀ ହେବନାହିଁ ବୋଲି କହୁଥିଲେ ବି ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ବାସୁଦେବପୁର ବ୍ଲକ୍‌ର ଧାନ କିଣାରେ ୮ରୁ ୧୦ ପ୍ରତିଶତ କଟ୍‌ନୀଛଟ୍‌ନୀ ହେଉଛି। ତଥାପି ଧାନ ଉଠିପାରୁନାହିଁ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ମଣ୍ଡି ଅବ୍ୟବସ୍ଥାକୁ ନେଇ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶହ ଶହ କଂଗ୍ରେସ କର୍ମୀ ଓ ଚାଷୀ ସରକାରୀ ବିରୋଧୀ ନାରାଦେଇ ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତହସିଲ ଆଗରେ ଧାନ ବସ୍ତା ରଖି ବିକ୍ଷୋଭ କରିଥିଲେ। ବ୍ଲକ୍ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ନଗର କଂଗ୍ରେସ ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, ମହିଳା କଂଗ୍ରେସର ସଭାପତି ମଞ୍ଜୁଲତା ପଣ୍ଡା, ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅଚ୍ୟୁତାନନ୍ଦ ପାଢ଼ୀ ସଂଯୋଜନା କରିଥିଲେ। ବିଧାୟକ ଶ୍ରୀ ଦାସ, ଶ୍ରୀ ପଟ୍ଟନାୟକ ଓ ଶ୍ରୀ ବଳ ତହସିଲ ପ୍ରିୟବ୍ରତ ଦାସଙ୍କୁ ଭେଟି ସମବାୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ସଠିକ୍ ପ୍ରକ୍ରିୟାରେ ପୋଷ୍ୟ ସନ୍ତାନ ଗ୍ରହଣ ଶୀର୍ଷକ ବୈଠକ

## 'ଆଇନସମ୍ମତ ଶିଶୁ ହିଁ ପୋଷ୍ୟସନ୍ତାନ ଗ୍ରହଣ ପାଇଁ ଯୋଗ୍ୟ'




ଭଦ୍ରକ,୨୭ ।୨(ସମିସ): ଭଦ୍ରକ ଗେଲପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହ ପରିସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ସଠିକ୍ ପ୍ରକ୍ରିୟାରେ ପୋଷ୍ୟ ସନ୍ତାନ ଗ୍ରହଣ ଶୀର୍ଷକ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ବରିଷ୍ଠ ଆଇନ ଅଧିକାରୀ ସୁବ୍ରତ ଦାସ ମଞ୍ଚ ସଞ୍ଚାଳନ କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ସମ୍ମାନିତ ଅତିଥି ରୂପେ ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରଦୀପ୍ତ କର, ମୁଖ୍ୟ ବକ୍ତା ରୂପେ ପୂର୍ବତନ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବନବିହାରୀ ମିଶ୍ର, ଡା .ସମୀର ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ସଠିକ୍ ପ୍ରକ୍ରିୟାରେ ପୋଷ୍ୟ ସନ୍ତାନ ଗ୍ରହଣ କରିବା ପାଇଁ ଆଇନ ସମ୍ମତ ଶିଶୁ ହିଁ ପରିବାର ପାଇଁ ଯୋଗ୍ୟ ବୋଲି କହିଥିଲେ। ସେହିପରି ଅନୈତିକ ଉପାୟରେ ପୋଷ୍ୟ ସନ୍ତାନ ଗ୍ରହଣ କଲେ ତାହା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି ପ୍ରମୁଖ ବକ୍ତା ମାନେ ମତ ପୋଷଣ କରିଥିଲେ। ଏହି ଆଲୋଚନା ସଭାରେ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର କାର୍ଯ୍ୟକ୍ରମ ମ୍ୟାନେଜର, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ସମ୍ଭାବ୍ୟ ପୋଷ୍ୟଗ୍ରାହୀ ଦମ୍ପତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶିଶୁ ସୁରକ୍ଷା ଶାଖାର ସୁରକ୍ଷା ଅଧିକାରିଣୀ (ଅଣ-ଆନୁଷ୍ଠାନିକ) ସ୍ୱାଗତିକା ବାରିକ୍, ଦମୟନ୍ତୀ ଦାଶ, ବିପିନ ବିହାରୀ ପଲେଇ, ଆସିୟାନାର ସଂଯୋଜକ ରିୟାଜ ଅହମଦ, ଚାଇଲ୍ଡ ଲାଇନ୍‌ର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଡ଼ିଆରୀ, ଟିମ୍ ସଦସ୍ୟ ଦିଗବିଜୟ ମହାନ୍ତି, ଚନ୍ଦ୍ରକାନ୍ତ ଗୋଛାୟତ, କାହ୍ନୁ ମଲ୍ଲିକ, ରମାକାନ୍ତ ଜେନା, ଲକ୍ଷ୍ମୀକାନ୍ତ ସେଠୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।ପରିଶେଷରେ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ବାରିକଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

**● ଆରଡ଼ି ପୀଠ ମୁଖ୍ୟ ବଜାରରେ ଅଗ୍ନିକାଣ୍ଡ**

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ





ଭଦ୍ରକ/ଆରଡ଼ି,୨୭।୨(ସମିସ): ଆରଡି ପୀଠ ମୁଖ୍ୟ ବଜାରରେ ଭୟାବହ ଅଗ୍ନିକାଣ୍ଡ ଘଟି ୨ଟି ପରିବାରର ୬ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ନିଆଁ କିପରି ଲାଗିଲା ଜଣା ପଡ଼ିନଥିବା ବେଳେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିସରରୁ ଜଳନ୍ତା ଘିଅ ଦୀପ କାଉ ନେଇ ଛପର ଘର ଉପରେ ରଖିଥିବା କାରଣରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ଏପରି ପୂର୍ବରୁ ଅନେକ ଥର ହୋଇଥିବା ନଜିର ରହିଛି। ଅଚାନକ ଶ୍ରୀଧର ସାହୁ ଓ ବଂଶୀଧର ସାହୁଙ୍କ ଛପର ଘର ଜଳି ଉଠିବା ସହ ପାଖରେ ଥିବା ଗଜେନ୍ଦ୍ର ସାହୁଙ୍କ ଅନ୍ୟ ଏକ ଛପର ଘରକୁ ନିଆଁ ବ୍ୟାପିଯାଇଥିଲା। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଏଥିସହ ଘର ମଧ୍ୟରେ ରହିଯାଇଥିବା ବୃଦ୍ଧାଙ୍କ ସମେତ ୩ଜଣଙ୍କୁ ଲୋକେ ଉଦ୍ଧାର କରିଥିଲେ। ଦୀର୍ଘ ସମୟ ଧରି ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା ଚଳାଇଥିଲେ ମଧ ଅଗ୍ନିକାଣ୍ଡରେ ସମସ୍ତ ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଦୀର୍ଘ ୪୦କିମି ଦୂର ଧାମନଗରରେ ଥିବା ଅଗ୍ନିଶମ ବାହିନୀ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ସେତେବେଳକୁ ନଗଦ ଟଙ୍କା, ସୁନାଗହଣ ସହ ଅନେକ ଆସବାବପତ୍ର ଜଳିଯାଇଥିଲା। ଘଟଣାସ୍ଥଳରେ ଆରଡି ଆର୍‌ଆଇ ପହଞ୍ଚି ଅଗ୍ନିକାଣ୍ଡ ସମ୍ପର୍କରେ ପଚାରି ବୁଝିଛନ୍ତି।

**ଜଳିଗଲା ୬ ବଖରା**

# ୮୪ ବର୍ଷର ଗାଥା ବହନ କରୁଛି ମୁନ୍‌ସୀ ମେଳଣ



ବାରିକପୁର,୨୭ ।୨(ସମିସ): ଭଣ୍ଡାରିପୋଖରୀ ଥାନା ପରିସରରେ ଆରମ୍ଭ ହୋଇଛି ପ୍ରସିଦ୍ଧ ମୁନ୍‌ସୀ ମେଳଣ। ପୀଠ ଦେବତା ଶିତିକଣ୍ଠେଶ୍ୱରଙ୍କ ପୀଠରେ ଘଟ ସ୍ଥାପନ ଏବଂ ବୈଦିକ ପୂଜାର୍ଚ୍ଚନା ସହିତ ପାରମ୍ପରିକ ଭାବେ ମେଳଣ ଉଦ୍‌ଘାଟିତ ହୋଇଥିବା ବେଳେ ରବିବାର ସକାଳୁ ଉତ୍ସବ ଉଦ୍‌ଯାପିତ ହେବ।

ମେଳଣ କମିଟି ସଭାପତି ଲକ୍ଷ୍ମୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ପୁଲିସ ଉପଖଣ୍ଡ ଅଧିକାରୀ ଅନିରୁଦ୍ଧ ମୁଦୁଲି, ଅବସରପ୍ରାପ୍ତ ପ୍ରଧାପକ ସୁଧାଂଶୁ ନାୟକ, ସମାଜ ସେବୀ ସୁବ୍ରତ କୁମାର ଦାସ, ଗୋଲଖ ଚନ୍ଦ୍ର ବେହେରା, ସରପଞ୍ଚ ମିନତୀ ସାହୁ, ବର୍ଷାରାଣୀ ଜେନା ପ୍ରମୁଖ ଯୋଗଦେଇ ମେଳଣ ଉତ୍ସବ ଇତିହାସକୁ ଉଜ୍ଜୀବିତ ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ଥାନା ଅଧୀକାରିଣୀ ରାଜଲକ୍ଷ୍ମୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ଅଧାପକ ଭରତ ଚନ୍ଦ୍ର କରଣ ମଞ୍ଚ ଆହ୍ୱାନ, ଶ୍ୟାମସୁନ୍ଦର ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ସତ୍ୟାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ଥାନା କର୍ମଚାରୀ ଓ ମେଳଣ କମିଟି ସଦସ୍ୟ ପରିଚାଳନା କରିଥିଲେ।

ବ୍ରିଟିଶ ଶାସନ ସମୟରୁ ରଙ୍ଗର ପର୍ବ ଏହି ନିଆରା ମୁନ୍‌ସୀ ମେଳଣ ଆରମ୍ଭ ହୋଇଥିଲା। ତତ୍କାଳୀନ ଇଂରେଜ ଶାସକଙ୍କ ବିରୋଧରେ ସ୍ଥାନୀୟ ଲୋକମାନେ ଅତିଷ୍ଠ ହୋଇ ଥାନାକୁ ପୋଡ଼ି ଦେଇଥିଲେ। ପରବର୍ତ୍ତୀ ସମୟରେ ଜନସାଧାରଣ ଏବଂ ପୁଲିସ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ଆରମ୍ଭ ହୋଇଥିବା ଏହି ମୁନ୍‌ସୀ ମେଳଣ ୮୪ ବର୍ଷରେ ପଦାର୍ପଣ କରିଛି। ସଂଗ୍ରାମୀମାନଙ୍କ ଗାଥା ବହନ କରୁଥିବା ଏହି ମେଳଣର ବୈଶିଷ୍ଟ୍ୟ ହେଉଛି ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ରଙ୍ଗଖେଳ। ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇଥିବା ଠାକୁର ବାଡ଼ିଆମାନଙ୍କ ଦ୍ୱାରା ସୁସଜ୍ଜିତ ବିମାନରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ଝୁଲି ଝୁଲି ଥାନା ପରିସରରେ ପହଞ୍ଚିବେ। ସେଠାରେ ଠାକୁରଙ୍କୁ ନୈବେଦ୍ୟ ସହିତ ଫଗୁ ଅବିର ପ୍ରଦାନ ପରେ ରଙ୍ଗ ଖେଳ ଅନୁଷ୍ଠିତ ହେବ। ରାଧାକୃଷ୍ଣଙ୍କ ଭାବରେ ମସଗୁଲ ହୋଇ ହଜାର ହଜାର ଜନତା ଓ ପୁଲିସ କର୍ମଚାରୀ ପରସ୍ପର ମଧ୍ୟରେ ରଙ୍ଗ ଖେଳନ୍ତି। ଭଗବାନଙ୍କ ପାଇଁ ଗୋଟିଏ ଦିନ ପୁଲିସ ଜନତା ସତେଯେମିତି ଏକାକାର ହୋଇଥାନ୍ତି। ଅତି ଭାବ ଉଦ୍ଦୀପନାର ସହିତ ଅନେକଆଡୁ ଶ୍ରଦ୍ଧାଳୁମାନେ ଆସି ମେଳଣରେ ଯୋଗ ଦେଇଥାନ୍ତି। ସବୁ ବର୍ଷ ଭଳି ଚଳିତ ବର୍ଷ ଥାନା ଓ ମେଳଣ କମିଟି ମିଳିତ ସହଯୋଗରେ ବେଶ ଆନନ୍ଦ ଉଲ୍ଲାସ ମଧ୍ୟରେ ଉତ୍ସବ ଆୟୋଜିତ ହୋଇଛି। ଏଥିରେ ପାରମ୍ପରିକ ପୂଜାନୀତି, ଉତ୍ସବ ସମ୍ପର୍କିତ ଅତିଥି ଅଭିଭାଷଣ ସମାରୋହ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଜିଲ୍ଲାର ଅନ୍ୟତମ ଗଣପର୍ବ ପାଇଁ ସମସ୍ତ ଙ୍କ ସହଯୋଗ କାମନା କରାଯାଇଛି।

**● ପୁଲିସ-ଜନତା ହେବେ ଏକାକାର**

**● ଝୁଲି ଝୁଲି ଆସିବେ ଯୁଗଳ ମୂର୍ତ୍ତି**





### ସେମାନେ ଯାହା କୁହନ୍ତି...



ଆମ ମାଟିର ସଂସ୍କୃତି ଓ ପରମ୍ପରାଭିତ୍ତିକ ପର୍ବ ମୁନ୍‌ସୀ ମେଳଣ ପାଇଁ କମିଟି ଏବଂ ଥାନା କର୍ମଚାରୀ ବେଶ ଉତ୍ସାହର ସହିତ ଲାଗି ପଡ଼ିଛନ୍ତି। ଏହି ପ୍ରସିଦ୍ଧ ମୁନ୍‌ସୀ ମେଳଣର ସଫଳତା ପାଇଁ ଜନସାଧାରଣଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ।

**ଲକ୍ଷ୍ମୀଧର ନାୟକ**
**ମେଳଣ କମିଟି ସଭାପତି**



ଶିତିକଣ୍ଠେଶ୍ୱର ପୀଠରେ ଘଟ ସ୍ଥାପନା ପରେ ବେଶ ଉତ୍ସାହର ସହ ମୁନ୍‌ସୀ ମେଳଣ ଆରମ୍ଭ ହୋଇଛି। ବର୍ଷ ବର୍ଷ ଧରି ମେଳଣ କମିଟିର ସମସ୍ତ ସଦସ୍ୟ ଓ ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ପାଇଁ ଏହା ଆଜି ଗଣପର୍ବରେ ପରିଣତ ହୋଇଛି।

**ରାଜଲକ୍ଷ୍ମୀ ନାୟକ**
**ଥାନା ଅଧିକାରିଣୀ ତଥା ମେଳଣ କମିଟି ସମ୍ପାଦକ**

